**ଆଜି ଅନୁଗୋଳ ଆସୁଛନ୍ତି ଯୋଗାଣ ମନ୍ତ୍ରୀ**

ଅନୁଗୋଳ,(ମାନସ ବିଶ୍ୱାଳ): ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶନିବାର ଅନୁଗୋଳ ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ପୂର୍ବାହ୍ନରେ ଟ୍ରେନ୍ ଯୋଗେ ମନ୍ତ୍ରୀ ଅନୁଗୋଳ ଷ୍ଟେଶନରେ ପହଞ୍ଚିବା ପରେ ନାଲ୍‌କୋ ଯିବେ। ଏଥିସହ ଜିଲା ପ୍ରଶାସନ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେବେ। ସେଠାରୁ ଭାଜପା ଜିଲା କାର୍ଯ୍ୟାଳୟ ଯିବାର କାର୍ଯ୍ୟସୂଚୀ ରହିଛି।



# ପିଇବା ପାଣି ଯୋଗାଣ ଦାବିରେ ରାସ୍ତା ଅବରୋଧ



ମହିଳାମାନେ ରାସ୍ତା ରୋକୋ କରିଛନ୍ତି।

ବଇଣ୍ଡା, ୨୮।୨ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଝାରବଇଣ୍ଡା ଗ୍ରାମରେ ପିଇବା ପାଣି ଯୋଗାଣ ଦାବି କରି ଶୁକ୍ରବାର ମହିଳାମାନେ ଝାରବଇଣ୍ଡା ଠାରେ ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରିଥିଲେ। ଗ୍ରାମର ସମସ୍ତ ମହିଳା ଏକାଠି ହୋଇ ଗରାବାଲ୍‌ତି ଧରି ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଆନ୍ଦୋଳନ କରିଥିଲେ। ଫଳରେ ଯାତାୟାତରେ ଯାତ୍ରୀମାନେ ହୀନସ୍ତା ହୋଇଥିଲେ। ମହିଳାମାନଙ୍କ କହିବା ଅନୁଯାୟୀ, ଝାରବଇଣ୍ଡା ଗ୍ରାମରେ ବାସ କରୁଥିବା ୭୦ ପରିବାରକୁ ଜଳ ଯୋଗାଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୨ ମସିହାରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ଝାରବଇଣ୍ଡା ଗ୍ରାମରେ ଏକ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ହେଲେ ସେହି ସମୟରେ ଉକ୍ତ ପ୍ରକଳ୍ପର ମୁଖ୍ୟ ପାଇପ୍ ଏକ ବେସରକାରୀ ଜମିରେ ନିଆଯାଇଥିବା ବେଳେ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଫଳରେ ଜମି ମାଲିକ ୧୫ ଫେବୃଆରୀ ୨୦୨୫ରେ ପ୍ରକଳ୍ପରୁ ମୁଖ୍ୟ ପାଇପ୍ ଖୋଲି ଦେଇଥିଲେ। ଫଳରେ ଗାଁକୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଏ ନେଇ ଅଞ୍ଚଳବାସୀ ବହୁବାର ଆଠମଲ୍ଲିକ ଜଳଯୋଗାଣ ବିଭାଗକୁ ଅଭିଯୋଗ କରିଥିବା ବେଳେ କୌଣସି ସୁଫଳ ନ ମିଳିବାରୁ ରାସ୍ତା ଅବରୋଧ କରିଥିଲେ। ଏହି ଆନ୍ଦୋଳନ ଯୋଗୁ ବହୁ ଗାଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିବା ସହ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ପରେ ଠାକୁରଗଡ଼ ଆଇଆଇସି ନଟବର ନନ୍ଦ ପହଞ୍ଚି ବୁଝାଶୁଝା କରିବା ସହ ଖୋଲା ଯାଇଥିବା ପାଇପ୍ ମୁଖ୍ୟ ପ୍ରକଳ୍ପରେ ଲଗାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ଆଠମଲ୍ଲିକ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଆର୍ ବେହେରାଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ।

# କୋଇଲା ଚୋରି ରୋକିବାକୁ ଦାବିପତ୍ର

ଅନୁଗୋଳ,୨୮।୨(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ତାଳଚେର ଅଞ୍ଚଳରୁ ଦୈନିକ କୋଇଲା ଚୋରି ଯୋଗୁ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ତେଣୁ କୋଇଲା ଚୋରି ରୋକିବାକୁ ରାଜ କିଶୋର ସାହୁ ଓ ପ୍ରବିନ କୁମାର ଦାସ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଉଦୟ ନାଥ ମହାପାତ୍ରଙ୍କୁ ଶୁକ୍ରବାର ପ୍ରଦାନ କରିଛନ୍ତି। ଅଭିଯୋଗରେ ଦୁହେଁ ଦର୍ଶାଇଛନ୍ତି, ତାଳଚେର ଅଞ୍ଚଳରେ କୋଇଲା ଚୋରି ବଢ଼ିବାରେ ଲାଗିଛି। ଦୈନିକ ଆନୁମାନିକ ୧୦୦୦ ଟନ୍‌ରୁ ଅଧିକ କୋଇଲା ଚୋରି ହେଉଛି। ଏହାର ବିଧିବଦ୍ଧ ଭାବରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ।



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସମିତି ବୈଠକ ଅଧାରୁ ଉଠିଗଲେ ପଞ୍ଚାୟତ ପ୍ରତିନିଧି



ପଞ୍ଚାୟତ ସମିତି ବୈଠକରୁ ଉଠିଆସିଥିବା ଜନପ୍ରତିନିଧିମାନେ।

ଆଠମଲ୍ଲିକ,୨୮।୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଦୁଃଶାସନ ରାଉଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ନଳିନୀକାନ୍ତ ପ୍ରଧାନ, ବ୍ଲକ ଉପାଧକ୍ଷା ମମତା ମହାକୁଡ଼, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପ୍ରକାଶ ସାହୁ, ବିଡିଓ ଟିଟୋସ ମହାନନ୍ଦିଆ ପ୍ରମୁଖ ମଞ୍ଚାସୀନ ଥିବାବେଳେ ସମସ୍ତ ପଞ୍ଚାୟତ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପଞ୍ଚାୟତ ତରଫରୁ ଦିଆଯାଇଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପ୍ରସ୍ତାବ ଉପରେ ଆଲୋଚନା ହେବା ସହିତ ଏହାକୁ ଅନୁମୋଦନ କରାଯାଇଥିଲା। ପଞ୍ଚାୟତ ପ୍ରତିନିଧିମାନେ ବିଭିନ୍ନ ଅଭାବ ଅସୁବିଧା ଓ ପୂର୍ବରୁ କାର୍ଯ୍ୟ ହୋଇଥିବା ବିଲ୍ ପୈଠ ଉପରେ ଆଲୋଚନା କରି ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ତେବେ ସନ୍ତୋଷଜନକ ଉତ୍ତର ନ ପାଇବାରୁ ବୈଠକ ଅଧାରୁ ପଞ୍ଚାୟତ ପ୍ରତିନିଧିମାନେ ଉଠି ଚାଲି ଯାଇଥିଲେ। ଏ ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିଟସ ମହାନନ୍ଦିଆ କହିଛନ୍ତି, ବିଲ୍ ପୈଠ ଓ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା କାରଣକୁ ନେଇ କେତେଜଣ ପଞ୍ଚାୟତ ପ୍ରତିନିଧି ଅସନ୍ତୋଷ ବ୍ୟକ୍ତ କରିଥିବାରୁ ନିର୍ବାଚିତ ସରପଞ୍ଚ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଏକାଠି ବସାଇ ସମସ୍ୟାର ସମାଧାନ କରାଯିବ।

# ଶାବଳଭଙ୍ଗା ଗ୍ରାମରେ ନୂତନ ସଭାପତି ଚୟନ

ବନ୍ତଳା,୨୮।୨ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ବାଲୁଅକଟା ପଞ୍ଚାୟତ ଶାବଳଭଙ୍ଗା ଗ୍ରାମର ବାବା ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଗ୍ରାମର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା ସହ ଅନୁଷ୍ଠିତ ମକର ମେଳା ବିଷୟରେ ଆଲୋଚନା କରାଯାଇଥିଲା। ଏହାପରେ ନୂତନ ଗ୍ରାମ୍ୟ କମିଟି ଚୟନ କରାଯାଇଥିଲା। ପୂର୍ବ ସଭାପତିଙ୍କ ଦେହାନ୍ତ ହୋଇଯାଇଥିବାରୁ ଗାଁ ଲୋକଙ୍କ ସର୍ବସମ୍ମତି କ୍ରମେ ଗ୍ରାମର ନୀଳାଚଳ ସାହୁଙ୍କୁ ସଭାପତି ଚୟନ କରାଯାଇଥିଲା। ପବିତ୍ର ଦେହୁରୀଙ୍କୁ ସମ୍ପାଦକ ଏବଂ ଉପସଭାପତି ଭାବେ ଗୋପାଳ ବେହେରାଙ୍କୁ ମନୋନୀତ କରାଯାଇଥିଲା। ଗ୍ରାମବାସୀଙ୍କ ଉପସ୍ଥିତିରେ ନୂତନ ସଭାପତି, ସମ୍ପାଦକ ଓ ଉପସଭାପତିଙ୍କୁ ସମ୍ମାନିତ କରାଯାଇଥିଲା।



ନୂଆ ସଭାପତି ଓ ଅନ୍ୟ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଉଛି।

# ପାଉଁଶ, ବଲ୍କ ସାମଗ୍ରୀ ଲୋଡିଂ ମିଳୁ ନ ଥିବା ଅଭିଯୋଗ



ଜିଲାପାଳଙ୍କ ଅଫିସ ସମ୍ମୁଖରେ ନାଲ୍‌କୋ ଆଞ୍ଚଳିକ ଟ୍ରକ୍ ମାଲିକ ୱେଲଫେୟାର ସଂଘର କର୍ମକର୍ତ୍ତାମାନେ।

ଅନୁଗୋଳ,୨୮।୨(ମାନସ ବିଶ୍ୱାଳ)

**ପ୍ରଶାସନର ଦ୍ୱାରସ୍ଥ ହେଲା ଟ୍ରକ୍ ମାଲିକ ୱେଲଫେୟାର ସଂଘ**

ଅନୁଗୋଳସ୍ଥିତ ନାଲ୍‌କୋ ଆଞ୍ଚଳିକ ଟ୍ରକ୍ ମାଲିକ ୱେଲଫେୟାର ସଂଘର ଗାଡ଼ିଗୁଡ଼ିକୁ ଠିକ୍ ଭାବରେ ପାଉଁଶ ଏବଂ ବଲ୍କ ସାମଗ୍ରୀ ଲୋଡିଂ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସଂଘ ଶୁକ୍ରବାର ଅତିରିକ୍ତ ଜିଲାପାଳ ଉଦୟନାଥ ମହାପାତ୍ରଙ୍କ ସମେତ ପୋଲିସ ପ୍ରଶାସନର ଦ୍ୱାରସ୍ଥ ହୋଇଛି। ସମସ୍ୟାର ସମାଧାନ କରା ନ ଗଲେ ଆସନ୍ତା ମାର୍ଚ୍ଚ ୭ରୁ ସମସ୍ତ ଲୋଡିଂ ଏବଂ ପରିବହନ କାର୍ଯ୍ୟ ସ୍ଥଗିତ ରଖାଯିବ ବୋଲି ଚେତାବନୀ ଦେଇଛି।

ଅଭିଯୋଗରେ ସଂଘ ଦର୍ଶାଇଛି, ପାଉଁଶ ପରିଚାଳନା ବିଭାଗ ଏବଂ ଅଧିକାରକ୍ଷେତ୍ର ଅନ୍ତର୍ଗତ ଅନ୍ୟାନ୍ୟ ପ୍ରାସଙ୍ଗିକ ବିଭାଗ ପରିସର ମଧ୍ୟରେ ପାଉଁଶ ଏବଂ ବଲ୍କ ସାମଗ୍ରୀର ଅପର୍ଯ୍ୟାପ୍ତ ଲୋଡିଂ, ପରିବହନ ସମ୍ପର୍କରେ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ମଧ୍ୟ କୌଣସି ସମାଧାନ ହୋଇପାରୁନାହିଁ। ଏ ସମ୍ପର୍କରେ ସଂଘ ପକ୍ଷରୁ ମଧ ଲିଖିତ ଭାବେ ଜଣାଯାଇଥିଲା। ଟ୍ରକ୍‌ଗୁଡ଼ିକ ଏହି ସାମଗ୍ରୀର ପରିବହନ ପାଇଁ ପର୍ଯ୍ୟାପ୍ତ ଲୋଡିଂ ପାଉନାହାନ୍ତି କିମ୍ବା ପ୍ରଭାବଶାଳୀ ଭାବରେ ବ୍ୟବହାର ହେଉନାହିଁ। ମୋଟ୍ ଟ୍ରକ ଲୋଡିଂର ଅତିକମ୍‌ରେ ୫୦ ପ୍ରତିଶତ ସଂଘକୁ ଆବଣ୍ଟିତ କରାଯାଉ ଓ ଏକ ନିରପେକ୍ଷ ଏବଂ ସନ୍ତୁଳିତ ଆଭିମୁଖ୍ୟ ସୁନିଶ୍ଚିତ କରିବା ପାଇଁ ସମସ୍ତ କାର୍ଯ୍ୟକାରୀ ସଂଘ ମଧ୍ୟରେ ସମାନ ଭାବରେ ବଣ୍ଟନ କରାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

# ନୂତନ ୱାଚ୍ ଟାୱାର ଉଦ୍‌ଘାଟିତ

ଅନୁଗୋଳ,୨୮।୨(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ତାଳଚେର ରେଞ୍ଜ ବୁଲାଝର ଆର୍‌ଏଫ୍‌ର ବାରୁଆଁରେ ଏକ ୱାଚ୍ ଟାୱାର ଉଦ୍‌ଘାଟିତ ହୋଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫ୍‌ଓ) ସୁକାନ୍ତି ଦେଇ, ତାଳଚେର ରେଞ୍ଜ ଅଧିକାରୀ ଜ୍ୟୋତିର୍ମୟୀ ଗଡ଼ନାୟକ, କୁଲେଇ ସରପଞ୍ଚ ଏବଂ ତାଳଚେର ରେଞ୍ଜ କର୍ମଚାରୀ ଯୋଗଦେଇ ୱାଚ ଟାୱାରର ଉଦ୍‌ଘାଟନ କରିଥିଲେ। ଏହି ନୂତନ ୱାଚ୍ ଟାୱାର ଯୋଗୁ ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖିବା, ଶିକାର ରୋକିବା ଏବଂ ଜଙ୍ଗଲରେ ନିଆଁ ବିପଦ ହ୍ରାସ କରିବା ସହିତ ଆଗାମୀ ବର୍ଷ ପାଇଁ ସ୍ଥାନୀୟ ଇକୋସିଷ୍ଟମର ସୁରକ୍ଷା ସୁନିଶ୍ଚିତ କରିବା ସହଜ ହେବ ବୋଲି ବିଭାଗ ପକ୍ଷରୁ ଆଶା କରାଯାଇଛି।



ନୂତନ ୱାଚ୍ ଟାୱାର ଉଦ୍‌ଘାଟନ ଅବସରରେ ବିଧାୟକଙ୍କ ସହ ଅନ୍ୟମାନେ।

# ମୃତାଙ୍କ ପରିବାରକୁ ଭେଟିଲେ ବିଧାୟକ

ପାଲଲହଡ଼ା,୨୮।୨ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଥାନା ଅଞ୍ଚଳରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ମହିଳାଙ୍କ ପରିବାରକୁ ଶୁକ୍ରବାର ପାଲଲହଡ଼ା ବିଧାୟକ ଓ ଭାଜପା କାର୍ଯ୍ୟକର୍ତ୍ତା ଭେଟି ସମବେଦନା ଜଣାଇଛନ୍ତି। କିଛି ଆର୍ଥିକ ସହାୟତା ଦେବା ସହିତ ଶୁଦ୍ଧିକ୍ରିୟା ପାଇଁ ଅଧିକ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ବିଧାୟକ ପାଲଲହଡ଼ା ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମୃତ ମହିଳାଙ୍କ ଚାରୋଟି ପିଲାଙ୍କୁ ପାଠ ପଢ଼ାଇବା ବ୍ୟବସ୍ଥା କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିଶୁ ଅଧିକାରୀଙ୍କୁ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ଦେବା ପାଇଁ ଫୋନ ଯୋଗେ କହିଥିଲେ। ଏହାସହିତ ଏହାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ, ତାହାର ତଦନ୍ତ କରିବା ପାଇଁ ପୋଲିସ ପ୍ରଶାସନକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା କାର୍ଯ୍ୟକର୍ତ୍ତା ତନ୍ମୟ କୁମାର ସାହୁ, ପାଲଲହଡ଼ା ମଣ୍ଡଳ ସଭାପତି ଆଶିଷ ସାମଲ, ଶିଗଡ ସରପଞ୍ଚ ଶ୍ରୀକାନ୍ତ ପ୍ରଧାନ, ସଞ୍ଜୟ ବେହେରା, ପଞ୍ଚାନନ ସାହୁ, ବିକାଶ ନହରା, ଲିଟନ ସାହୁ, ଦେବାନ ମାଝୀ, ଡିଲେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜେଆଇଟିପିଏଲ୍ ଡେରଙ୍ଗ ପକ୍ଷରୁ ରାଜ୍ୟସ୍ତରୀୟ ମକ୍‌ଡ୍ରିଲ




ମକ୍ ଏକ୍ସରସାଇଜ ଏବଂ ରାସାୟନିକ ବିପର୍ଯ୍ୟୟ ଉପରେ ପ୍ରୟୋଗାତ୍ମକ ପ୍ରସ୍ତୁତି କର୍ମଶାଳା।

ଡେରଙ୍ଗ/ପବିତ୍ରନଗର (ନିରୋଜ ପ୍ରଧାନ)/ ତାଳଚେର,୨୮।୨(ମନୋଜ ନନ୍ଦ)

ଓଡ଼ିଶା ରାଜ୍ୟ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓଏସ୍‌ଡିଏମ୍‌ଏ) ଏବଂ ଏନ୍‌ଡିଏମ୍‌ଏ ଭାରତ ସରକାରଙ୍କ ସହଯୋଗରେ ଜେଆଇଟିପିଏଲ ଅନୁଗୋଳ ଜିଲା ଡେରଙ୍ଗ କଣିହାଁ ତରଫରୁ ମକ୍ ଏକ୍ସରସାଇଜ ଏବଂ ରାସାୟନିକ ବିପର୍ଯ୍ୟୟ ଉପରେ ଏକ ରାଜ୍ୟସ୍ତରୀୟ ପ୍ରୟୋଗାତ୍ମକ ପ୍ରସ୍ତୁତି କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପ୍ରଶାସନର ବିଭିନ୍ନ ପ୍ରତିନିଧି ଉପସ୍ଥିତ ଥିଲେ। ତାଳଚେର ଅତିରିକ୍ତ ତହସିଲଦାର ଶାଶ୍ୱତ ଶୋଭନ ମହାପାତ୍ର, ଅନୁଗୋଳ ଅସିଷ୍ଟାଣ୍ଟ ଡାଇରେକ୍ଟର ଫ୍ୟାକ୍ଟ୍ରି ଆଣ୍ଡ ବଏଲର ମାଧବ ଚନ୍ଦ୍ର ମଲ୍ଲିକ, ଏଇଏସ-ଓଏସ୍‌ପିସିବି ସୌମ୍ୟା ରଞ୍ଜନ କୁଅଁର, ଡେପୁଟି ଫାୟାର ଅଫିସର୍ ଶରତ ଚନ୍ଦ୍ର ମଲ୍ଲିକ, ମେଡିକାଲ ଅଫିସର ଡା. ଜିତେନ୍ଦ୍ର କୁମାର ଦେହୁରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ବିପର୍ଯ୍ୟୟ ପରିଚାଳନା ଯୋଜନା (ଡିଏମ୍‌ପିଏସ୍)ର ସମୀକ୍ଷା କରାଯାଇଥିଲା। ବାସ୍ତବ ସମୟରେ ପ୍ରକ୍ରିୟା ଯନ୍ତ୍ର କୌଶଳକୁ ଅନୁକରଣ କରିବା ପାଇଁ ଦୃଶ୍ୟ ଆଧାରିତ ଆଲେଚନା କରାଯାଇଥିଲା। ବିଦ୍ୟମାନ ପ୍ରକ୍ରିୟା ପ୍ରଣାଳୀର ପ୍ରଭାବକୁ ମୂଲ୍ୟାଙ୍କନ କରିବା ଏବଂ ଉନ୍ନତି ଦିଗରେ ଗଠନମୂଳକ ଆଲୋଚନା ପାଇଁ ଏକ ସୁଯୋଗ ପ୍ରଦାନ କରିବା ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ଲାଣ୍ଟ ହେଡ ସନ୍ଦୀପ ଗୋସ୍ୱାମୀ, ଫ୍ୟାକ୍ଟ୍ରି ମ୍ୟାନେଜର ସୁନୀଲ ଦେଭାଡି, ଆଡିଶନାଲ ଭାଇସ ପ୍ରେସିଡେଣ୍ଟ ଇଏଚ୍‌ଏସ୍ ଡ. କିଶୋର କୁମାର ରାଉତଙ୍କ ତତ୍ତ୍ୱାବଧାନରେ ମକ୍ ଏକ୍ସରସାଇଜ ପରିଚାଳନା କରାଯାଇଥିବା ବେଳେ ଜେଆଇଟିପିଏଲର ଅନେକ ପଦାଧିକାରୀ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ବନ କର୍ମଚାରୀଙ୍କ ପରଲୋକ

ବଇଣ୍ଡା, ୨୮।୨ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ନର୍ଗିଡି ପଞ୍ଚାୟତ ରାଣୀଭୂଇଁ ଗ୍ରାମର ଅବସରପ୍ରାପ୍ତ ବନ ବିଭାଗ କର୍ମଚାରୀ ଭଗବାନ ସାହୁ(୧୦୪)ଙ୍କ ଗୁରୁବାର ରାତିରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା



ଖେଳିଯାଇଛି। ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତୁଣୀ, ନାତିମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଶୋକ ପ୍ରକାଶ କରିଛନ୍ତି।

# ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବଅଁରପାଳ,୨୮।୨(ସୁବାସ ସାହୁ)

ନାଲ୍‌କୋନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଡ. ଶତ୍ରୁଘ୍ନ ବେହେରାଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ସଂଯୁକ୍ତା କୁମାରୀ ଧର, ଶିକ୍ଷକ ସୁରେନ୍ଦ୍ର କୁମାର ପାଢ଼ୀ, ଶିକ୍ଷୟିତ୍ରୀ ମୀନାକ୍ଷୀ ପ୍ରତିହାରୀ, ଶିକ୍ଷକ ବିଚିତ୍ର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସୁଶାନ୍ତ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉପାଧକ୍ଷା ସସ୍ମିତା ମହାନ୍ତି, ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଦୀପ୍ତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଘରୁ ନାଗ ସାପ ଉଦ୍ଧାର

ବଇଣ୍ଡା, ୨୮।୨ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଗ୍ରାମର ବିଜୟ ଭୂତିଆଙ୍କ ଘରୁ ଏକ ନାଗ ସାପ ଶୁକ୍ରବାର ଉଦ୍ଧାର କରାଯାଇଛି। ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥ ବିଜୟଙ୍କ ଘରେ ପହଞ୍ଚି ଉକ୍ତ ନାଗ ସାପକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।

**କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ**
**ଭାରତ ସରକାର**
**(ଜାତୀୟ ଆର୍ଥିକ ରିପୋର୍ଟିଂ ପ୍ରାଧିକରଣ)**
**ଅଧକ୍ଷ ଏବଂ ତିନି ପୂର୍ଣ୍ଣକାଳୀନ ସଭ୍ୟଙ୍କ ନିଯୁକ୍ତି**
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର ନିର୍ଦ୍ଧାରିତ ଫର୍ମାଟ୍‌ରେ, ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଗ୍ରହଣର ଶେଷ ତାରିଖକୁ ୨୧ ମାର୍ଚ୍ଚ, ୨୦୨୫ (ଅପରାହ୍ନ ୦୫.୩୦ ଘଟିକା) ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।
CBC 07101/11/0020/2425

# ୩ ଚୋରି ଅଭିଯୁକ୍ତ ଗିରଫ

ପବିତ୍ରନଗର,୨୮।୨(ନିରୋଜ ପ୍ରଧାନ)

କଣିହାଁ ଥାନା ଓ ଏନ୍‌ଟିପିସି ଥାନା ଅଞ୍ଚଳରେ ବିଭିନ୍ନ ଚୋରି ମାମଲାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। କଣିହାଁ ପୋଲିସ ୨୦୨୪ ମସିହାରେ ଏକ ବାଇକ୍ ଚୋରିରେ ସମ୍ପୃକ୍ତ କଣିହାଁ ଥାନା ନାଲମ ଗ୍ରାମର ମାନସ ନାଏକ ଓ ହନୁମାନପୁର ଗ୍ରାମର ସୁଶାନ୍ତ ନାଏକଙ୍କୁ ଗିରଫ କରିଥିବା ବେଳେ ଏନ୍‌ଟିପିସି ଥାନା ପୋଲିସ ଏନଟିପିସି ପ୍ଲାଣ୍ଟ ଭିତରୁ କେବୁଲ ତାର ଚୋରିରେ ସମ୍ପୃକ୍ତ ଉତ୍ତରପ୍ରଦେଶ ବାସିନ୍ଦା ତଥା ବର୍ତ୍ତମାନ ଏନ୍‌ଟିପିସି ଥାନା ରଙ୍ଗବେଡାରେ ରହୁଥିବା ଜୟ କୁମାର ଜଇସ୍ୱାଲଙ୍କୁ ଗିରଫ କରିଛି। ଶୁକ୍ରବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ଗ୍ରାମସଭା ଜରିଆରେ ବିକାଶ କାର୍ଯ୍ୟ କର



ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

ବଇଣ୍ଡା, ୨୮।୨ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ସଭାଗୃହରେ ଗୁରୁବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଶୈରେନ୍ଦ୍ରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକେ କିଭଳି ମୌଳିକ ସୁବିଧା ପାଇପାରିବେ ଓ ସରକାରଙ୍କ ସମସ୍ତ ଯୋଜନାରେ ସାମିଲ ହୋଇପାରିବେ ସେ ନେଇ ଗ୍ରାମସଭା ଜରିଆରେ ବିକାଶ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସରୋଜ ସାହୁ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ, ବ୍ଲକ ଉପାଧକ୍ଷ ଲବ କୁମାର ପ୍ରଧାନ, କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରାଙ୍କ ସମେତ ୨୪ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟା ଯୋଗ ଦେଇଥିଲେ। କିଭଳି ପ୍ରତ୍ୟେକ ଗ୍ରାମକୁ ପକ୍କା ସଡ଼କ ହେବ ସେ ନେଇ ଅନେକ ସରପଞ୍ଚ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ପାନୀୟ ଜଳ ବ୍ୟବସ୍ଥା ସହ ଅନେକ ନୂତନ ନଳକୂଅ ଖୋଳିବା ପାଇଁ ସରପଞ୍ଚମାନେ ଦାବି କରିଥିଲେ। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦ୍ୱାରା ଗ୍ରାମର ବିକାଶ ପାଇଁ ଆଲୋଚନା ହୋଇଥିଲା। ଏବିଡିଓ ଦିଲୀପ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
 କ୍ଷେତ୍ରୀୟ କାର୍ଯ୍ୟାଳୟ: ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : ୦୬୭୪-୨୫୪୦୦୩୨, ଇ-ମେଲ:0815samd@iob.in

**ଦଖଲ ନୋଟିସ୍**

**(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍-୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ଚୁକ୍ତି ହାରରେ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା।

ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଦାବୀ କରାଯାଇଥିବା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହେବାରୁ ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ନିୟମର ନିମୟ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିକୁ ଦଖଲକୁ ନିଆଯାଇଛି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ବିଯୁକ୍ତ (-) ଡ଼ିମାଣ୍ଡ ନୋଟିସ୍ ଜାରିପରେ ପୈଠ ରାଶି ଏବଂ ଚୁକ୍ତି ହାରରେ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ।

**ଏତଦ୍ଦ୍ୱାରା ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା(୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ପର୍ଯ୍ୟନ୍ତ ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ବାଲେଶ୍ୱର ଶାଖା** ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର: (୧)ମେସର୍ସ ଶିବମ୍ ଟେଲିକମ୍, ସତ୍ତ୍ୱାଧିକାରୀ: ଶ୍ରୀ ରାଜୀବ କୁମାର ପାତ୍ର, ଦୋକାନ ନଂ.ଡବ୍ଲ୍ୟୁ/୫୧, ଇମାନୁଏଲ୍ ସପିଂ କମ୍ପ୍ଲେକ୍ସ, ଫାଣ୍ଡି ଛକ, କଚେରୀ ରୋଡ, ବାଲେଶ୍ୱର-୭୫୬୦୦୧, (୨)ଶ୍ରୀ ରାଜୀବ କୁମାର ପାତ୍ର, ପିତା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା: କାଳିଦାସପୁର (ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧, (୩)ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ର (ଜାମିନ୍‌ଦାର/ବନ୍ଧକଦାତା), ସ୍ୱା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା କାଳିଦାସପୁର, ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧। | ୩୦.୦୯.୨୦୨୪ ସୁଦ୍ଧା ଟ.୫,୧୪,୨୭୧.୬୭ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୮.୧୦.୨୦୨୪ / ୨୪.୦୨.୨୦୨୫ | ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୯୩/୯୯୮, ଖାତା ନଂ.୧୫୮/୪୨୮, ଏରିଆ: ଏ୦.୦୭ ଡିସିମିଲି, ଏବଂ ପ୍ଲଟ ନଂ.୪୯୩-୯୯୮/୧୧୬୨, ଖାତା ନଂ.୧୭୦/୧୯୨, ଏରିଆ:ଏ୦.୦୫ ଡିସିମିଲି, ମୌଜା: କାଳିଦାସପୁର, ପୋ.: ହରିପୁର, ଥାନା: ବାଲେଶ୍ୱର ଟାଉନ୍, ଜିଲ୍ଲା: ବାଲେଶ୍ୱର, ଚାରିପାର୍ଶ୍ୱରେ: ଉତ୍ତର- ୨୦ଲିଙ୍କ୍‌ସ କମନ୍ ରାସ୍ତା, ଦକ୍ଷିଣ- ପ୍ଲଟ ନଂ.୪୯୨, ପୂର୍ବ- ୨୦ଲିଙ୍କ୍‌ସ କମନ୍ ରାସ୍ତା, ପଶ୍ଚିମ- ଖାଲି ଜମି। |

ସ୍ଥାନ-ଭୁବନେଶ୍ୱର, ତାରିଖ-୨୮.୦୨.୨୦୨୫
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

**ପୋଖରୀରେ ବୁଡ଼ି ବାଳକ ମୃତ**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ଜିଲା ଗଁଦିଆ ଥାନା ଦେଓଗାଁ ଗ୍ରାମରେ ଶୁକ୍ରବାର ପୋଖରୀକୁ ଗାଧୋଇବାକୁ ଯାଉଥିବା ବେଳେ ପାଣିରେ ବୁଡ଼ିଯାଇ ରାଜେନ୍ଦ୍ର କର(୧୫) ନାମକ ଜଣେ ବାଳକଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକ ଖୋଜାଖୋଜି କରିବା ପରେ ପୋଖରୀରୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗଁଦିଆ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

# ଶ୍ରୋତାଙ୍କୁ ତଟସ୍ଥ କଲା ନାଟକ 'ତଟ ନିରଞ୍ଜନା'

## ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର ନାଟକ ପଠନ ସନ୍ଧ୍ୟା



ନାଟକର ଏକ ଦୃଶ୍ୟରେ କଳାକାରମାନେ।

ଢେଙ୍କାନାଳ,୨୮।୨(ରତନ ନାୟାର)

ନାଟକ ଏକ ଦୃଶ୍ୟକାବ୍ୟ ହୋଇଥିବା ବେଳେ ଏହାର ଦୃଶ୍ୟ ସଂରଚନା ଯେତିକି ଆକର୍ଷଣୀୟ ଏହାର କାବ୍ୟ ବିଭବ ମଧ୍ୟ ସେତିକି ମର୍ମସ୍ପର୍ଶୀ। କିନ୍ତୁ ନାଟକର ମଞ୍ଚନ ଅନେକ ସମୟରେ ହେଉଥିବା ବେଳେ ଢେଙ୍କାନାଳରେ ପ୍ରଥମ କରି ଶ୍ରୁତିରେ ନାଟକକୁ ସ୍ମୃତି କରି ରଖିବା ପାଇଁ ଆରମ୍ଭ ହୋଇଛି ଏକ ନିଆରା ପ୍ରୟାସ। ଜାତୀୟସ୍ତରରେ ଜିଲା ଓ ରାଜ୍ୟ ପାଇଁ ବହୁବାର ସୁନାମ ଆଣିଥିବା ଢେଙ୍କାନାଳର ନାଟ୍ୟାନୁଷ୍ଠାନ 'ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର୍' ପକ୍ଷରୁ ନାଟକକୁ ନେଇ ଜାନୁୟାରୀ ମାସରୁ ଆରମ୍ଭ ହୋଇଥିବା ଏହି ଭିନ୍ନ ପ୍ରୟାସ, 'ନାଟକ ପଠନ ସନ୍ଧ୍ୟା'ର ଦ୍ୱିତୀୟ ସଂସ୍କରଣ ଗୁରୁବାର ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ ଅନୁଷ୍ଠାନର ନାଟ୍ୟ ଶିକ୍ଷା କେନ୍ଦ୍ରରେ ପରିବେଷଣ ହୋଇଯାଇଛି। ବିଶିଷ୍ଟ ନାଟ୍ୟକାର ଡଃ ବିଜୟ ମିଶ୍ରଙ୍କ ଦ୍ୱାରା ରଚିତ ବହୁ ଚର୍ଚ୍ଚିତ ନାଟକ 'ତଟ ନିରଞ୍ଜନା'କୁ କଳାକାରମାନେ ବାଚିକ ଅଭିନୟ ମାଧ୍ୟମରେ ପରିବେଷଣ କରିଥିଲେ। ବିଭିନ୍ନ ଭୂମିକାରେ ମନୋହର ଶତପଥୀ, କାମାକ୍ଷା ପ୍ରସାଦ ରଣା, ଜୟଦେବ ଶତପଥୀ, ଦେବଜାନୀ ଦାସ, ସୌମ୍ୟା ପ୍ରିୟଦର୍ଶିନୀ, ସୁଭାଷିନୀ ସେଠୀ, ଆଶୁତୋଷ ପାଢୀ, ସତ୍ୟଜିତ ରାଉତ, ମାନସ କୁମାର ସାହୁ ପ୍ରମୁଖ ବାଚିକ ଅଭିନୟ ପରିବେଷଣ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଡଃ ପୁଷ୍ପଲତା ରଥଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ନାଟକ ପଠନ ପୂର୍ବରୁ ସନ୍ଧ୍ୟାତାରା ସାହିତ୍ୟ ସଂସଦର ଉପସଭାପତି ନିର୍ମଳା ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ନାଟକ ପଠନ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଶ୍ରୋତାମାନଙ୍କ ମଧ୍ୟରେ ଢେଙ୍କାନାଳ ସହରର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ, ସାହିତ୍ୟିକ, ନାଟ୍ୟପ୍ରେମୀ ଏବଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଯୋଗଦେଇ ନାଟକ ଶୁଣିଥିଲେ। ନାଟକ ପଠନ ଶୈଳୀରେ ନାଟକ 'ତଟ ନିରଞ୍ଜନା' ଶ୍ରୋତାମାନଙ୍କୁ ତଟସ୍ଥ କରିଥିବା ବେଳେ ଏଭଳି ଏକ ଭିନ୍ନ କାର୍ଯ୍ୟକ୍ରମ ପାଇଁ ଶ୍ରୋତାମାନେ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ସାନ୍ଧ୍ୟ ମହାବିଦ୍ୟାଳୟ ଏବଂ ଭାରତୀୟ ଜନସଞ୍ଚାର ସଂସ୍ଥାନର ଛାତ୍ରୀଛାତ୍ରମାନଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥିଲା। ଆସନ୍ତା ମାର୍ଚ୍ଚ ୨୭ ତାରିଖ ଶେଷ ଗୁରୁବାର ସନ୍ଧ୍ୟା ୭ଟା ୩୦ ମିନିଟ୍ ସମୟରେ ନାଟ୍ୟକାର ଦିନେଶ ଦାସଙ୍କ ନାଟକ 'ରାଧେୟ' ପାଠ କରାଯିବ ବୋଲି ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ ସୂଚନା ଦିଆଯାଇଛି। ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମହିମାଗାଦି ବ୍ଲକ ଗଠନ ପାଇଁ ସହମତି

## ୧୫ ପଞ୍ଚାୟତ ପ୍ରତିନିଧିଙ୍କ ବୈଠକ



ବୈଠକରେ ପଞ୍ଚାୟତ ପ୍ରତିନିଧିମାନେ।

ଢେଙ୍କାନାଳ,୨୮।୨(ରତନ ନାୟାର)

ଢେଙ୍କାନାଳ ଜିଲା ଚାଉଳିଆ ଗ୍ରାମପଞ୍ଚାୟତଠାରେ ଶୁକ୍ରବାର ନୂତନ ମହିମାଗାଦି ବ୍ଲକ ଗଠନ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାଉଳିଆ ପଞ୍ଚାୟତର ସରପଞ୍ଚ ବାବୁଲି ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କମିଟିର ଆବାହକ ଆନନ୍ଦଚନ୍ଦ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରି ମହିମାଗାଦି ବ୍ଲକ ଗଠନ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସଦର ବ୍ଲକର ୭ରୁ ଅଧିକ ଗ୍ରାମପଞ୍ଚାୟତ ଓ ଗଁଦିଆ ବ୍ଲକର ୮ଟି ଗ୍ରାମ ପଞ୍ଚାୟତ ବିଭିନ୍ନ କ୍ଷେତ୍ରରେ ଅବହେଳିତ ହେବା ସହିତ ଯେଉଁ ହାରରେ ବିକାଶ ହେବାକଥା ତାହା ଏହି ଅଞ୍ଚଳରେ ବିକାଶ ହେଉନାହିଁ ବୋଲି ଜଳଧର ବେହେରା କହିଥିଲେ। ଫଳରେ ଭୌଗଳିକ ଦୃଷ୍ଟି କୋଣରୁ ଏହି ପଞ୍ଚାୟତଗୁଡ଼ିକର ମଧ୍ୟସ୍ଥଳିରେ ଥିବା ବିଶ୍ୱ ପ୍ରସିଦ୍ଧ ମହିମାଗାଦିଠାରେ ବ୍ଲକ ଗଠନ ହେଲେ ଏହା ପଞ୍ଚାୟତର ଜନସାଧାରଣଙ୍କ ପାଇଁ ସୁବିଧା ଓ ବିକାଶ ହେବ ବୋଲି କହିଥିଲେ। ନୂଆଗାଁର ସନ୍ତୋଷ କୁମାର ଭୂୟାଁ, ଗୁଲୁ ଭୂୟାଁ, ସୋଗରପଶିର ତପନ କୁମାର ପାତ୍ର, ସୁରେଶଚନ୍ଦ୍ର ଜେନା, ରାଧାଦେଇପୁର ସରପଞ୍ଚଙ୍କ ପ୍ରତିନିଧି ଧ୍ରୁବଚରଣ ବାରିକ, ସାଙ୍କୁଲେଇ ସରପଞ୍ଚଙ୍କ ପ୍ରତିନିଧି ସଂଗ୍ରାମ କୁମାର ମହାନ୍ତି ପ୍ରମୁଖ ମହିମାଗାଦୀ ବ୍ଲକ ଗଠନକୁ ସମର୍ଥନ କରିଥିଲେ। କମିଟି ସମ୍ପାଦକ ଅମ୍ବିକା ପ୍ରସାଦ ମିଶ୍ର ସମସ୍ତ ୧୫ଟି ପଞ୍ଚାୟତ ସଂଗଠିତ ଭାବେ ଜନ ପ୍ରତିନିଧିମାନଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ପରାମର୍ଶ ଦେଇଥିଲେ। ୧ନଂ ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ଚିନାରା, ଯୋରନ୍ଦା ଆଞ୍ଚଳିକ ବିକାଶ ପରିଷଦ ସଭ୍ୟ ପୀତବାସ ରାଉତ, ଶରତ କୁମାର ରାଉତ, ପଞ୍ଚାନନ ସ୍ୱାଇଁ, ବେଣୁଧର ପାତ୍ର, ଯଦୁନନ୍ଦନ ଦାସ, ଶ୍ୟାମ ସୁନ୍ଦର ସ୍ୱାଇଁ, ଗୋକୁଳଚନ୍ଦ୍ର ସାହୁ, ଧର୍ମାନନ୍ଦ ରାଉତ, ପ୍ରଶାନ୍ତ ବେହେରା, ସୁଧାକର ସାହୁ, ଜିତେନ୍ଦ୍ର ପାଣି ପ୍ରମୁଖ ଆଲୋଚନାରେ ଭାଗନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ସୁଧାଂଶୁ ଶେଖର ରାଉତ ଧନ୍ୟବାଦ ଦେଇଥିଲେ। ଆସନ୍ତା ମାର୍ଚ୍ଚ ୯ ତାରିଖ ଦିନ ଯୋରନ୍ଦାଠାରେ ଏ ସଂକ୍ରାନ୍ତରେ ପରବର୍ତ୍ତି ବୈଠକ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ଚିତ୍ତରଞ୍ଜନ ମହାନ୍ତି ଜଣାଇଛନ୍ତି।

# ଜୟପୁରାକାଟେଣୀ ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ଛାତ୍ରୀମାନେ ଅତିଥିମାନଙ୍କୁ ସ୍ୱାଗତ କରୁଛନ୍ତି।

ପରଜଙ୍ଗ,୨୮।୨(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ଅନ୍ତର୍ଗତ ଜୟପୁରାକାଟେଣୀ ସରକାରୀ ଉପ୍ରା ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାରଦାପ୍ରସନ୍ନ ଖିଲାର, ସିଆରସି ବ୍ରହ୍ମାନନ୍ଦ ବେହେରା, ସାମାଜିକ କର୍ମୀ ପ୍ରବୀଣ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ କୁନିକୁନି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ଉପସ୍ଥିତି ଥିଲେ। ସେହିପରି ପଥରଖୁମ୍ବ ସରକାରୀ ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ଯୋଗଦେଇ ପିଲାମାନଙ୍କୁ ପୁରସ୍କୃତ କରିଥିଲେ।

# ରାସାୟନିକ ବିପର୍ଯ୍ୟୟର ମୁକାବିଲା ପାଇଁ ମକ୍‌ଡ୍ରିଲ୍

ଢେଙ୍କାନାଳ,୨୮।୨(ରତନ ନାୟାର)



ରାସାୟନିକ ବିପର୍ଯ୍ୟୟର ମୁକାବିଲା ପାଇଁ ମକଡ୍ରିଲ କରାଯାଉଛି।

ଢେଙ୍କାନାଳ ଜିଲା ଟାଟାଷ୍ଟିଲ ମେରାମଣ୍ଡଳୀଠାରେ ଶୁକ୍ରବାର ରାଜ୍ୟ ଓ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ସାମ୍ଭାବ୍ୟ ରାସାୟନିକ ବିପର୍ଯ୍ୟୟର ମୁକାବିଲା ପାଇଁ ଏକ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। ଟେକନିକାଲ ଅବଜରଭର ଭାବରେ ଫ୍ୟାକ୍ଟ୍ରିଏବଂ ବଏଲର ବିଭାଗର ସହକାରୀ ନିର୍ଦ୍ଦେଶକ ସ୍ୱରୁପ ଜେନା ଉପସ୍ଥିତ ଥିଲେ। ଶିଳ୍ପାନୁଷ୍ଠାନରେ ବିଷାକ୍ତ ଆମୋନିଆ ଓ କ୍ଲୋରିନ ଗ୍ୟାସ୍ ଲିକ୍ ଏବଂ ବିଶୋଧ ତୈଳ ଲିକ୍ ହେବାର କୃତ୍ରିମ ବିପର୍ଯ୍ୟୟ ନେଇ ପ୍ରଥମେ ସାଇରନ ବାଜିଥିଲା। ସାମ୍ଭାବ୍ୟ ବିପର୍ଯ୍ୟୟ ବିଷୟରେ ପ୍ଲାଣ୍ଟ ଭିତରେ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକରେ ସତର୍କ ସୂଚନା ଦିଆଯିବା ସହ ପ୍ରଭାବିତ ଲୋକଙ୍କୁ ପୂର୍ବ ନିର୍ଦ୍ଧାରିତ ନିକଟସ୍ଥ ଡାକ୍ତରଖାନାକୁ ନିଆଯିବାର ମକଡ୍ରିଲ ପ୍ରଦର୍ଶିତ ହୋଇଥିଲା। ଗ୍ୟାସ୍ ଲିକ୍ ସ୍ଥାନଗୁଡ଼ିକରେ ଲିକ୍ ମରାମତି, ଫୋମ ସ୍ପ୍ରେ ଦ୍ୱାରା ଅଗ୍ନି ନିର୍ବାପନର କଳା କୌଶଳ ପ୍ରଦର୍ଶିତ ହୋଇଥିଲା। ଉଦ୍ଧାରକାରୀମାନେ ଗ୍ୟାସ୍ ଟାଇଟ୍ ପୋଷାକ ପରିଧାନ କରି ଉଦ୍ଧାର କାର୍ଯ୍ୟର କୌଶଳ ଦେଖାଇଥିଲେ। ଜିଲା ଜରୁରୀ ଓ ଆପାତକାଳୀନ ବିଭାଗ ଅଧିକାରୀ ସୁଦିପ୍ତ ସାହୁ କଣ୍ଟ୍ରୋଲ ରୁମ୍, ଟ୍ରାଇଏଜ୍ଡ୍ ସେଣ୍ଟର, ରିଲିଫ୍ ସେଣ୍ଟର, ପ୍ରଦୂଷଣ ସ୍ଥାନ, ହଳଦିଆ ସବୁଜ ଜୋନ ଓ ରେଡ୍ ଜୋନ୍ ସମ୍ପର୍କରେ ଜନସାଧାରଣଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ମକଡ୍ରିଲ କାର୍ଯ୍ୟକ୍ରମରେ ପୋଲିସ, ଓଡ୍ରାଫ୍, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମିଶନଶକ୍ତି ମହିଳା, ଆଶାକର୍ମୀ, ଆପଦ ମିତ୍ର, ଟ୍ୟାକ୍ସଫୋର୍ସ ଓ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀମାନେ ଭାଗ ନେଇଥିଲେ। ଦ୍ରୁତ ଶିଳ୍ପାୟନ ଯୁଗରେ ଆକସ୍ମିକ ଭାବେ ଘଟୁଥିବା ଏପରି ଦୁର୍ଘଟଣା ସମୟେର ଭୟଭୀତ ନହୋଇ ଏହାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେବାକୁ ସମ୍ପୃକ୍ତ ଅଧିକାରୀମାନେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

# ଭାରତ ବିଜ୍ଞାନରେ ବିଶ୍ୱଗୁରୁ ଆସନ ଅଳଙ୍କୃତ କରିବ

## ଜାତୀୟ ବିଜ୍ଞାନ ଦିବସ

ଢେଙ୍କାନାଳ,୨୮।୨(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଯୁବ ମସ୍ତିଷ୍କକୁ ଅନୁପ୍ରେରିତ କରିପାରିଲେ ଭାରତରେ ପୁଣି ନୋବେଲ ବିଜେତା ସୃଷ୍ଟି ହୋଇପାରିବେ ବୋଲି ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ସ୍ନାତକୋତର ରସାୟନ ବିଜ୍ଞାନ ବିଭାଗ ଓ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ ଓ ପଦାର୍ଥ ବିଜ୍ଞାନର ମୁଖ୍ୟ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରସାୟନ ବିଭାଗ ମୁଖ୍ୟ ଡ. ଦେବାଶିଷ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଜ୍ଞାନ ଦିବସକୁ ଜାତୀୟ ଉତ୍ସବ ରୂପେ ପାଳନ କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଡ. ସୁପ୍ରଭା ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ପାଠ୍ୟଚକ୍ର ସମ୍ପାଦକ ସିଦ୍ଧେଶ୍ୱର ବେହେରା ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପିକା ସୁଜାତା କୁମାରୀ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରସାୟନ ବିଭାଗ ଅଧ୍ୟାପକ ଡ. ନିଳାଦ୍ରୀ ବିହାରୀ ଦେବତା, ସସ୍ମିତା ସାହୁ, ପ୍ରୀତମ ଜେନା, ଦିପ୍ତିମୟୀ ସାହୁ, ପବିତ୍ର ବେହେରା, ସୁଧୀର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଡ. ପ୍ରକାଶଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭାପୁର, ୨୮।୨ (ରାଜକୁମାର ପ୍ରଧାନ)

ଢେଙ୍କାନାଳ ଜିଲା ସଦର ବ୍ଲକ କୋଇଲିପଙ୍ଗି ନିକଟ ଦେବେନ୍ଦ୍ର ଶତପଥି ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଚନ୍ଦ୍ରଶେଖର ପଣ୍ଡାଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଗୃହବିଜ୍ଞାନ ବିଭାଗ ଅଧ୍ୟାପିକା ମୋନାଲି ରାଉତରାୟଙ୍କ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ୧୯୯୧ରୁ ଇଂରାଜୀ ଅଧ୍ୟାପକ ଭାବେ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ୨୦୧୮ରୁ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ବରିଷ୍ଠ କିରାଣୀ ରସାନନ୍ଦ ମହାପାତ୍ର ପ୍ରକାଶ କରିଥିଲେ। ଓଡ଼ିଆ ଅଧ୍ୟାପିକା ଜ୍ୟୋର୍ତ୍ତିମୟୀ ସେଠୀ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ମାନସ ରଞ୍ଜନ ରାଉତ, ସୁନୀଲ କୁମାର ମହାପାତ୍ର, ଅଧ୍ୟାପିକା ରଶ୍ମିରେଖା ସିଂ, ଶୁଭଶ୍ରୀ ପଟ୍ଟନାୟକ, ମୋନାଲିସା ସାହୁ, ଅନ୍ନପୂର୍ଣ୍ଣା ବେହେରା, କର୍ମଚାରୀ ସନ୍ତୋଷ ନାଏକ ଉପସ୍ଥିତ ଥିଲେ। ଅଧ୍ୟାପିକା ଶୁଭଶ୍ରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




# ହିନ୍ଦୋଳ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ




ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି।

ରାସୋଳ, ୨୮।୨ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ପଞ୍ଚାୟତ ସମିତି ସଭାଗୃହରେ ଶୁକ୍ରବାର 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ସଂପର୍କରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଢେଙ୍କାନାଳ ଏମପି ରୁଦ୍ରନାରାଣ ପାଣିଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ବରୁଣ କୁମାର ସର, ଜିଲାପରିଷଦ ସଦସ୍ୟ ସୁମନ୍ତ ଦେହୁରି, ଜିଲାପରିଷଦ ସଦସ୍ୟା ମମତାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇଥିଲେ। ଗୋଷ୍ଠୀଉନ୍ନୟନ ଅଧିକାରୀ ଡ. କଲ୍ୟାଣ ସୌରଭ ଦାଶ କାର୍ଯ୍ୟକ୍ରମକୁ ସଂଚାଳନ କରିଥିବା ସମୟରେ ସହକାରୀ ଯନ୍ତ୍ରୀ ବିପିନ ବିହାରୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସରପଞ୍ଚ ଦିବାକର ନାଏକ, ପ୍ରତାପ ପ୍ରଧାନ, ଦୁଷ୍ମନ୍ତ ନାଏକ, ମନୋଜ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା କୁକୁଟା ସମିତି ସଭ୍ୟ ପ୍ରିୟରଞ୍ଜନ ମାହୁନ୍ତ, କୁଟୁଣିଆଁ ସମିତି ସଭ୍ୟ ହେମନ୍ତ ସାହୁ ପ୍ରମୁଖ ଆଲୋଚନାରେ ଭାଗନେଇ ଯୋଜନାର ସଫଳତା ନିମନ୍ତେ କେତେକ ପ୍ରସ୍ତାବ ଦେଇଥିଲେ। ଉକ୍ତ ବୈଠକରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ସଭ୍ୟା, ଜିପିଡିଓ ଅନିତା ଦାଶ, ଜଳପରିମଳ ବିଭାଗ ଯନ୍ତ୍ରୀ ପ୍ରକାଶ ରାଉତ ଏବଂ ବ୍ଲକର ସମସ୍ତ ଯନ୍ତ୍ରୀ ଉପସ୍ଥିତ ଥିଲେ। ଏବିଡିଓ ଜୋତିରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ପଖାଳ ଦିବସ ପାଳନ ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୨୮।୨(ରତନ ନାୟାର)

ଢେଙ୍କାନାଳ ସଚେତନ ନାଗରିକ ଫୋରମର ସଭାପତି ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ହୋଲି ଏବଂ ବିଶ୍ୱ ପଖାଳ ଦିବସ ପାଳନ ପାଇଁ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜବାହାରଚୌକ ଛକଠାରେ ମାର୍ଚ୍ଚ ୧୫ ସକାଳ ୯ଟାରେ ପବିତ୍ର ହୋଲି ପର୍ବରେ ଅର୍ଗାନିକ ରଙ୍ଗ ବ୍ୟବହାର କରାଯିବ। ଓଡ଼ିଶାର ସଂସ୍କୃତିକୁ ବହନ କରୁଥିବା ବିଶ୍ୱ ପଖାଳ ଦିବସ ମାର୍ଚ୍ଚ ୨୦ ତାରିଖ ଦିନ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା। ଏହି ସାମାଜିକ କାର୍ଯ୍ୟକ୍ରମଗୁଡ଼ିକରେ ଦଳମତ ନିର୍ବିଶେଷରେ ସମସ୍ତ ସଚେତନ ନାଗରିକମାନେ ଯୋଗ ଦେବାପାଇଁ ବରିଷ୍ଠ ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ ମତ ରଖିଥିଲେ। ନୂତନ ଭାବେ ସହ ସଂପାଦକ ଦାୟିତ୍ୱ ତୁଲାଇବା ପାଇଁ ଦିଲ୍ଲୀପ କୁମାର ରାଉତ, ନଗର ସଭାପତି ଭାବେ ଯୁବ ସମାଜସେବୀ ଅଶୋକ କୁମାର ସ୍ୱାଇଁ ଏବଂ ନଗର ସାଧାରଣ ସଂପାଦକ ଭାବେ ମନ୍ମଥ ରାଓ କାର୍ଯ୍ୟ କରିବା ପାଇଁ ଆଗ୍ରହର ସହିତ ସମ୍ମତି ପ୍ରକାଶ କରିଥିଲେ। ଏହି ବୈଠକରେ ଫୋରମର ଉପଦେଷ୍ଟା ପଙ୍କଜ ନାୟକ, କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ବେହେରା, ସମ୍ପାଦକ ଭରତ କୁମାର ଦାସ, ସହ ସମ୍ପାଦକ ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର, ଗୋକୁଳାନନ୍ଦ ମାଝୀ, ସୁରେଶ ଶ୍ରୀଚନ୍ଦନ ରାୟ, ଯୁଗଳ କିଶୋର ପ୍ରଧାନ, ଜ୍ଞାନୀ ସାହୁ, ଅବସରପ୍ରାପ୍ତ ସେନାଧିକାରୀ ନଗେନ କର ପ୍ରମୁଖ ଯୋଗଦେଇ ନିଜ ନିଜର ମତ ରଖିଥିଲେ।

# ନିର୍ବାଚନମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ବୈଠକ



ବୈଠକରେ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

କାମାକ୍ଷାନଗର, ୨୮।୨(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ଶୁକ୍ରବାର କାମାକ୍ଷାନଗର ଓ ପରଜଙ୍ଗ ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୧ଟା ସମୟରେ ପ୍ରଥମେ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ବାଚନ ମଣ୍ଡଳୀରେ ହୋଇଥିବା ଓ ହେବାକୁଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସେହିପରି ଅପରାହ୍ନରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ଉନ୍ନୟନ କମିଟିର ବୈଠକ ଅନୁଷ୍ଠିତ ହୋଇଥିବା ବେଳେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିର୍ବାଚନ ମଣ୍ଡଳୀରେ କିପରି ସମସ୍ତଙ୍କ ସହଯୋଗରେ ଉନ୍ନୟନମୂଳକ କାର୍ଯ୍ୟ ଆଗେଇଚାଲିବ ତାହାକୁ ପ୍ରାଥମିକତା ଦେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦ୍ୱିତିରଞ୍ଜନ ସେଠୀ, ଯୋଜନା ଅଧିକାରୀ ବ୍ୟୋମୋକେଶ ପାତ୍ର, କାମାକ୍ଷାନଗର ଭାରପ୍ରାପ୍ତ ବିଡିଓ ପ୍ରିୟବ୍ରତ ଦାସ, କଙ୍କଡ଼ାହାଡ ବିଡିଓ ଯଶୋବନ୍ତ ଦେହୁରୀ, ଭୁବନ ବିଡିଓ ଆୟୁଷୀ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଉତ୍ତମ ମହାନ୍ତିଙ୍କ ବିୟୋଗରେ ଶୋକ

ଢେଙ୍କାନାଳ,୨୮।୨(ରତନ ନାୟାର)

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ଗୁଡନାଇଟ୍ କ୍ଲବ ପକ୍ଷରୁ ଓଡିଆ ଚଳଚ୍ଚିତ୍ର ଜଗତର ବରିଷ୍ଠ ତଥା ବିଶିଷ୍ଟ ଅଭିନେତା ଉତ୍ତମ ମହାନ୍ତିଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି। କ୍ଲବ ପକ୍ଷରୁ ଉପଦେଷ୍ଟା ସୁକାନ୍ତ ମିଶ୍ର, ସମ୍ପାଦକ ସତ୍ୟସ୍ୱରୂପ ଦାସଙ୍କ ସମେତ ଦେବାଶିଷ ମିଶ୍ର, ଅଥୟ କୁମାର ସାହୁ, ବିନୋଦ ମହାନ୍ତି, ଅରବିନ୍ଦ ସାହୁ, ରାଜଶ୍ରୀ ଶତପଥୀ, ଅମ୍ବିକା ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ସାହୁ, ବାବୁଲି ଦାସ, ଆଶିଷ ଶତପଥୀ, ବିଶ୍ୱନାଥ ବେହେରା, ନୃସିଂହ ବେହେରା, ଗଙ୍ଗାଧର ରାଉତ, ସୌରଭ ବିଶ୍ୱାଳ, ଆଶୁତୋଷ ମହାପାତ୍ରଙ୍କ ସମେତ ବହୁ ସଦସ୍ୟ ଉତ୍ତମ ମହାନ୍ତିଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହିତ ଓଡିଆ ଚଳଚ୍ଚିତ୍ର ଓ କଳା ସଂସ୍କୃତି ପାଇଁ ତାଙ୍କର ଅବଦାନର ସ୍ମୃତିଚାରଣ କରିଥିଲେ।

# କପିଳାସ ପୀଠର ସାମଗ୍ରିକ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଢେଙ୍କାନାଳ,୨୮।୨(ରତନ ନାୟାର)



ପ୍ରସିଦ୍ଧ ଶୈବପୀଠ କପିଳାସ।

ଓଡିଶା ତଥା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସର ସାମଗ୍ରିକ ବିକାଶ ପାଇଁ ଶୁକ୍ରବାର ୧୬ଦଫା ସମ୍ବଳିତ ଏକ ଦାବିପତ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ପୂର୍ବତନ ବିଧାୟକ ନବୀନ ନନ୍ଦ ଇମେଲ ଜରିଆରେ ପଠାଇଥିବା ସୂଚନା ଦେଇଛନ୍ତି। କପିଳାସ ପୀଠର ସାମଗ୍ରୀକ ବିକାଶ ହେଲେ ତାହା ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ମାଇଲଖୁଣ୍ଟ ହେବା ସହ ପ୍ରଚୁର କର୍ମନିଯୁକ୍ତିର ସୁଯୋଗ ମିଳିବ। ଏହା ରାଜ୍ୟର ଆୟ ବୃଦ୍ଧିରେ ସହାୟକ ହୋଇପାରିବ। ଦାବିଗୁଡିକ ମଧ୍ୟରେ କପିଳାସ ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୫୦୦ ଚାରିଚକିଆ ଯାନ ରହିବା ଭଳି ଏକ ପାର୍କିଂ ସ୍ଥଳର ବିକାଶ, ସ୍ଥାନୀୟ ବ୍ୟବସାୟୀ ଯେଉଁମାନେ କପିଳାସର ମନ୍ଦିର ପ୍ରଶାସନକୁ ବିଭିନ୍ନ ବାବଦରେ ରାଜସ୍ୱ ପ୍ରଦାନ କରୁଛନ୍ତି, ସେମାନଙ୍କ ପାଇଁ ସ୍ଥାୟୀ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା, ଏକ ୫୦୦ସିଟ୍ କ୍ଷମତା ବିଶିଷ୍ଟ ଏକ ପ୍ରେକ୍ଷାଳୟ ନିର୍ମାଣ, ୨୦୦ଶଯ୍ୟା ବିଶିଷ୍ଟ ଭକ୍ତ ନିବାସ ନିର୍ମାଣ, ସ୍ଥାୟୀ ସାଂସ୍କୃତିକ ଓ ଭଜନ ମଣ୍ଡପର ନିର୍ମାଣ, କପିଳାସରୁ ରାଜଧାନୀ ଭୁବନେଶ୍ୱର ଓ ଶ୍ରୀକ୍ଷେତ୍ର ପୁରୀକୁ ଓଏସ୍‌ଆରଟିସି ସ୍ଥାୟୀ ବସ୍ ସେବା, ସ୍ଥାନୀୟ ପୋଲିସ ବିଟ୍ ହାଉସକୁ ଫାଣ୍ଡିରେ ପରିଣତ କରିବା, ଏକ ପର୍ଯ୍ୟଟନ ସୂଚନା କେନ୍ଦ୍ର ନିର୍ମାଣ, ମହିଳାମାନଙ୍କ ପାଇଁ ସ୍ନାନାଗାର ନିର୍ମାଣ, ପିଇବା ପାଣିର ବ୍ୟାପକ ବ୍ୟବସ୍ଥା, ମୁଖ୍ୟମନ୍ଦିରଠାରୁ ଦେବସଭା ପର୍ଯ୍ୟନ୍ତ ସ୍ଥାୟୀ ରାସ୍ତା ଓ ବିଦ୍ୟୁତକରଣ ବ୍ୟବସ୍ଥା, ଏକ ସୌର ବିଦ୍ୟୁତ କେନ୍ଦ୍ର ନିର୍ମାଣ, ରୋପ ୱେ ନିର୍ମାଣ ଏବଂ ଇକୋ ଟୁରିଜିମ ହବ୍ ନିର୍ମାଣ କରି କପିଳାସ ପାଦ ଦେଶରେ ଶ୍ରୀଜୀଉଙ୍କର ୧୨୦୦ଏକର ଉଜୁଡା କାଜୁ ଜଙ୍ଗଲକୁ ମହିଶୁରର ବୃନ୍ଦାବନ ଗାର୍ଡେନ ଢାଞ୍ଚାରେ ନିର୍ମାଣ, ଶ୍ୟାମଳୀ ଡାକ ବଙ୍ଗଳାର ପୁନରୁଦ୍ଧାର, କପିଳାସ ମୁଖ୍ୟମନ୍ଦିର ସିଂହଦ୍ୱାର ସମ୍ମୁଖ ବଡଦାଣ୍ଡର ସଂପ୍ରସାରଣ ସହ ପ୍ରକୃତି କୋଳରେ ଥିବା ମୁଖ୍ୟ ଆକର୍ଷଣ ଝରଣା ଜଳର ସ୍ରୋତକୁ ବ୍ୟବସ୍ଥିତ କରିବା ପାଇଁ ପୂର୍ବତନ ବିଧାୟକ ନବୀନ ନନ୍ଦ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଅନୁରୋଧ କରିଛନ୍ତି। ଗତ ମାସରେ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ମୁଖ୍ୟ ମନ୍ଦିର ଓ ମନ୍ଦିର ବେଢ଼ା ଆଦି ୧୧ଟି କାର୍ଯ୍ୟକୁ ହାତକୁ ନେବାକୁ କପିଳାସ ସୁରକ୍ଷା ପରିଷଦ ତରଫରୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କର ପର୍ଯ୍ୟଟନ ବିଭାଗ ଏହି ପ୍ରସିଦ୍ଧ ଶୈବପୀଠର ବିକାଶ କାର୍ଯ୍ୟ ହାତକୁ ନେଲେ ଏହି ପୀଠ ଦେଶର ପର୍ଯ୍ୟଟନ ମାନଚିତ୍ରରେ ଏକ ବିଶେଷ ସ୍ଥାନ ଅଧିକାର କରିବ ବୋଲି ଅନୁରୋଧ ପତ୍ରରେ ଦର୍ଶାଇଛନ୍ତି।

